**ମୃତଦେହ ଉଦ୍ଧାର ଘଟଣା : ଅଭିଯୁକ୍ତ ସ୍ୱାମୀ ଗିରଫ**

ପାଟଣା,(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ଥାନା ପୋଲିସ ରବିବାର ସ୍ତ୍ରୀଙ୍କୁ ତଣ୍ଟି ଚିପି ହତ୍ୟା କରିଥିବା ଅଭିଯୋଗରେ ଖଡିକାପଦା ପଞ୍ଚାୟତ ଖଡିବେଡା ଗ୍ରାମର ବଗାନ ପୂର୍ତ୍ତିଙ୍କୁ ଗିରଫ କରିଛି। ସୂଚନା ଥାଉ କି, ମାଛଗଡ଼ ପଞ୍ଚାୟତ ବାଉଁଶ ନାଳି ଗ୍ରାମର ଏକ ପୁରଣା ଇଟାଭାଟି ଚୁଲା ଭିତରୁ ଗତ ଶୁକ୍ରବାର ସକାଳୁ ଚମ୍ପା ମୁଣ୍ଡାଙ୍କ ଗଳିତ ମୃତଦେହ ଉଦ୍ଧାର ହୋଇଥିଲା। ବଗାନ ନିଜ ସ୍ତ୍ରୀଙ୍କୁ ତଣ୍ଟି ଚିପି ହତ୍ୟା କରିଥିବା କଥା ପୋଲିସ ଆଗରେ ସ୍ୱୀକାର କରିଥିବା ଥାନା ଅଧିକାରୀ ସୋମନାଥ ଜେନା ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ମଠନୂଆଗାଁରେ ସଶସ୍ତ୍ର ଡକାୟତି

**ଖଇରା, ୨୨।୧୧(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ବ୍ଲକ ନନ୍ଦୁର ପଞ୍ଚାୟତ ଅଧୀନ ମଠନୂଆଗାଁ ଗ୍ରାମର ଯଦୁନାଥ ବେହେରାଙ୍କ ଘରୁ ଶନିବାର ରାତିରେ ସଶସ୍ତ୍ର ଡକାୟତି ହୋଇଛି। ଏ ସଂକ୍ରାନ୍ତରେ ଥାନାରେ ଏକ ମାମଲା(ନଂ.୨୪୩/୨୦) ରୁଜୁ କରାଯାଇଛି । ନୀଳଗିରି ଏସ୍‌ଡିପିଓ ଅମୂଲ୍ୟ ଧର ଖଇରା ଥାନା ଆଇଆଇସି ସୁବ୍ରତ ବେହେରା ସାଇଣ୍ଟିଫିକ ଟିମ୍ ସହ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଯଦୁନାଥ ପରିବାର ସହିତ ଖାଇପିଇ ଶୋଇବାର କିଛି ସମୟ ପରେ ଅନ୍ୟୁନ ୧୨ଜଣ ଅଜଣା ବ୍ୟକ୍ତି ଘର ଗେଟ ଓ କବାଟ ଭାଙ୍ଗି ଭିତରକୁ ପଶିଥିଲେ । ଯଦୁନାଥଙ୍କୁ ବାନ୍ଧି ପକାଇବା ପରେ ତାଙ୍କ ପତ୍ନୀ ଓ ବୋହୂଙ୍କ ମୁଣ୍ଡରେ ବନ୍ଧୁକ ରଖି ଆଲମିରା ତାଲା ହାସଲ କରିନେଇଥିଲେ। ପାଖାପାଖି ୧୦ଭରି ଅଳଙ୍କାର, ନଗଦ ୧୨ହଜାର ଟଙ୍କା, ମୋବାଇଲ, ଏଟିଏମ୍ କାର୍ଡ ଓ ଆସବାବପତ୍ର ନେଇ ପଳାଇଥିଲେ। ଚୋରି ସାମଗ୍ରୀର ମୂଲ୍ୟ ୫ଲକ୍ଷରୁ ଉର୍ଦ୍ଧ୍ୱ ହେବ ବୋଲି କୁହାଯାଉଛି। ସନ୍ଧାନୀ କୁକୁର ସହ ସାଇଣ୍ଟିଫିକ ଟିମ୍ ରବିବାର ଅପରାହ୍ନରେ ପହଞ୍ଚି ଅନୁସନ୍ଧାନ କରିଥିଲେ ହେଁ ସଫଳତା ପାଇ ପାରି ନ ଥିଲେ।

### ରାସ୍ତାକଡ଼ରୁ ମହିଳାଙ୍କ ମୃତଦେହ ଉଦ୍ଧାର

**ପାଟଣା,୨୨।୧୧(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ବ୍ଲକ ଚିନାମାଳିପଶି ରାସ୍ତା କଡରୁ ଶନିବାର ଜଣେ ମହିଳାଙ୍କ ମୃତଦେହକୁ ଘଟଗାଁ ପୋଲିସ ଉଦ୍ଧାର କରିଛି। ମୃତକ ହେଲେ ମୟୂରଭଞ୍ଜ ଜିଲା ପଡିଆବେଡା ଗ୍ରାମର ବୀଣା ନାଏକ। ବୀଣାଙ୍କର ମାନସିକ ବିକୃତିଥିବା ପୋଲିସ ସୂଚନା ଦେଇଛି। ମାନସିକ ବିକୃତି ଘଟିବା ପରେ ସେ ଦୀର୍ଘଦିନ ହେବ ପାଟଣା ଥାନା କୁଣ୍ଡଳା ଗ୍ରାମ ବାପଘରକୁ ଚାଲିଆସିଥିଲେ। ବୀଣା ବାପଘରେ ରହୁଥିଲେ ହେଁ ୭ଦିନ ପୂର୍ବରୁ ଘରୁ କେଉଁଆଡ଼େ ଚାଲିଯାଇଥିଲେ। ହଠାତ୍ ଶନିବାର ତାଙ୍କର ମୃତ୍ୟୁ ଘଟିଛି। ଏନେଇ ଘଟଗାଁ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୪୮/୨୦) ରୁଜୁ କରି ତଦନ୍ତ ଜାରି ରଖିଛି।

### ଚମ୍ପୁଆରେ ବିକ୍ରି ହେବ 'ମୋ ଖତ'

**ଚମ୍ପୁଆ, ୨୨।୧୧ (ଡି.ଏନ.ଏ.):** ବର୍ଜ୍ୟବସ୍ତୁ ପରିଚାଳନା କ୍ଷେତ୍ରରେ ଚମ୍ପୁଆ ଏନଏସି ଆର୍ଥିକ ସ୍ୱଚ୍ଛଳ ହେବାକୁ ଥିବା ଜଣାଯାଇଛି। ବର୍ଜ୍ୟବସ୍ତୁକୁ ପ୍ରକ୍ରିୟାକରଣ କରାଯାଇ ବାହାରୁଥିବା ଖତକୁ ବିକ୍ରି କରି ବେଶ୍ ୨ ପଇସା ଲାଭ କରାଯାଇ ପାରିବ ବୋଲି ନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଟ୍ଟଯୋଶୀ ସୂଚନା ଦେଇଛନ୍ତି। ସହରାଞ୍ଚଳର କଠିନ ବର୍ଜ୍ୟବସ୍ତୁରୁ ଉତ୍ପାଦିତ ଉନ୍ନତ କିସମର ଖତ(ମୋ ଖତ) କିଲୋ ପ୍ରତି ୨୦ଟଙ୍କାରେ ବିକ୍ରି କରାଯିବ ବୋଲି ଜଣାଯାଇଛି। ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ଓଡିଶା ପତ୍ର ସଂଖ୍ୟା ୩୨୪୦ ତା୧୦।୧୧।୨୦୨୦ରିଖ ଅନୁସାରେ ଏହି ଖତ ବନଖଣ୍ଡ ଅଧିକାରୀ କିଣିବ ବୋଲି ନିର୍ଦ୍ଦେଶ ଦିଆଯାଇଛି।

# ଲୋପ ପାଇବାକୁ ବସିଛି ଐତିହ୍ୟ କିମ୍ବଦନ୍ତୀ

- ଫାଇଲରେ ରହିଛି ଗଡ଼ଖାଇ ପୁନରୁଦ୍ଧାର
- ବିକାଶ ଦାବି କଲା ନମୋ ସେନା

**ଆନନ୍ଦପୁର, ୨୨।୧୧(ସ୍ୱ.ପ୍ର.)**

ଐତିହାସିକ କିମ୍ବଦନ୍ତୀ ବହନ କରୁଥିବା ଆନନ୍ଦପୁରର ଗଡ଼ଖାଇ ଶିଆଡ଼ିମାଳିଆର ବିକାଶ ଦାବି କଲା ନମୋ ସେନା। ନମୋସେନା କେନ୍ଦୁଝର ଜିଲା ସମ୍ପାଦକ ତଥା ଆନନ୍ଦପୁର ଶିଆଡ଼ିମାଳିଆ ମା' ଧନେଇ କମିଟିର ସଭାପତି ବିଜୟ କୁମାର ମିଶ୍ର ତା୧୮।୧୧।୨୦ରିଖରେ ଜିଲାପାଳଙ୍କ ଠାରେ ଦାବି ଉପସ୍ଥାପନ କରିଛନ୍ତି। ଆନନ୍ଦପୁରର ଐତିହାସିକ ଶିଆଡ଼ିମାଳିଆର ମା' ଧନେଇ ପୀଠ ଏବେ ସୌନ୍ଦର୍ଯ୍ୟହରା ହେବାକୁ ବସିଛି। ଶିଆଡ଼ିମାଳିଆର ବହୁ ସଂଖ୍ୟାରେ ଜାଗା ଜବରଦଖଲ କବ୍‌ଜାକୁ ଯାଇଥିବାବେଳେ ସରକାରୀ ସ୍ତରରେ ମାତ୍ର ୨୬ ଏକର ଜାଗା ଚିହ୍ନଟ ହୋଇପାରିଥିବା ଜଣାପଡିଛି। ଏହା ସହିତ ଶିଆଡ଼ିମାଳିଆର ଚାରିପାର୍ଶ୍ୱରେ ରହିଥିବା ଗଡ଼ଖାଇକୁ ପୁନରୁଦ୍ଧାର କରାଯାଇ ବୋଟିଂର ସୁବିଧା କରାଯାଇପାରିଲେ ଏହା ଦର୍ଶକମାନଙ୍କୁ ଆକୃଷ୍ଟ କରିପାରନ୍ତା ବୋଲି ନମୋସେନା ଜିଲା ସମ୍ପାଦକ ଜିଲାପାଳଙ୍କ ଠାରେ ଦାବି ଉପସ୍ଥାପନ କରିଛନ୍ତି।

ସୂଚନାଯୋଗ୍ୟ, ଗଡ଼ଖାଇରେ ମା' ଧନେଇ ଠାକୁରାଣୀ ଏବେ କେବଳ ମୂକ ସାକ୍ଷୀ ଭାବେ ଦଣ୍ଡାୟମାନ୍। ରାଜରାଜୁଡ଼ା ଅମଳରୁ ପ୍ରାୟ ଦୁଇ ଶହ ଏକରରୁ ଉର୍ଦ୍ଧ୍ୱ ପରିମିତ ଜାଗାରେ ଶୋଭବର୍ଦ୍ଧନ କରୁଥିବା ଶିଆଡ଼ିମାଳିଆ ଓ ତା'ର ଚତୁଃପାର୍ଶ୍ୱରେ ଥିବା ଗଡ଼ଖାଇ ପୋତି ହୋଇଗଲାଣି। ଅତୀତରେ ଏହି ଗଡ଼ଖାଇକୁ ଆସୁଥିବା ବିଭିନ୍ନ ପ୍ରଜାତିର ପକ୍ଷୀଙ୍କ ରାବ ଆଉ ଶୁଣିବାକୁ ମିଳୁନାହିଁ କି ଶିଆଡ଼ିମାଳିଆ ଜଙ୍ଗଲ ଶୋଭାରାଶି ଆଉ ଦେଖା ଯାଉନାହିଁ।

୨୦୧୩ରେ ମା' ଧନେଇ ଠାକୁରାଣୀଙ୍କର ଏକ କମିଟି ଗଠନ କରାଯାଇ ପ୍ରଶାସନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିଆଡ଼ିମାଳିଆର ଉଦ୍ଧାରକାର୍ଯ୍ୟ ଆରମ୍ଭ କରାଯାଇଥିଲା। ଏହା ସହିତ ସ୍ଥାନୀୟ ବୁଦ୍ଧଜୀବୀଙ୍କ ଉଦ୍ୟମରେ ଶିଆଡ଼ିମାଳିଆର ବହୁ ଜବରଦଖଲ ଅଂଶକୁ ଉଦ୍ଧାର କରାଯାଇଥିଲା। ତେବେ ୨୦୧୬ ଜାନୁୟାରୀ ମାସରେ ତତ୍କାଳୀନ ଡିଏଫଓ ସଂଗ୍ରାମ କେଶରୀ ବେହେରା ଶିଆଡ଼ିମାଳିଆ ପରିଦର୍ଶନ କରି ବୃକ୍ଷରୋପଣ ମାଧ୍ୟମରେ ଏହାର ଶୋଭାବୃଦ୍ଧି କରିବାକୁ ଉଦ୍ୟମ ଆରମ୍ଭ କରିଥିଲେ। ଏହା ସହିତ ବାହାର ଅଞ୍ଚଳରୁ ବିଭିନ୍ନ ପ୍ରଜାତିର ପକ୍ଷୀମାନଙ୍କ ଆଗମନ ସମ୍ପର୍କରେ ସୂଚନାପାଇ ଗଡ଼ଖାଇକୁ ଉଦ୍ଧାର କରିବା ପାଇଁ ଉଦ୍ୟମ ଆରମ୍ଭ ମଧ୍ୟ କରିଥିଲେ। ଡିଏଫଓ ବେହେରା ଶିଆଡ଼ିମାଳିଆରେ ପହଞ୍ଚି ସେଠାରେ ଥିବା ଜାଗାକୁ ଅନୁଧ୍ୟାନ କରିବା ସହିତ ଶିଆଡ଼ିମାଳିଆ ଚାରି ପଟେ ଥିବା ଗଡ଼ଖାଇ(ବର୍ତ୍ତମାନର ପାଟ)କୁ ଉଦ୍ଧାର କରିବା ପାଇଁ ଯଥା ସମ୍ଭବ ଉଦ୍ୟମ ଆରମ୍ଭ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତେବେ ଇତି ମଧ୍ୟରେ ଦୀର୍ଘ ସମୟ ବିତିଯାଇଥିଲେ ବି ଗଡ଼ଖାଇର ପୁନରୁଦ୍ଧାର କାର୍ଯ୍ୟ କେବଳ କାଗଜ ପତ୍ରରେ ଅଟକି ରହିଯାଇଛି। ଯାହାକୁ ନେଇ ଆଗାମି ଦିନରେ ଶିଆଡ଼ିମାଳିଆ ଗଡ଼ଖାଇର ଉଦ୍ଧାର ଦିଗରେ ପ୍ରଶାସନିକ ସ୍ତରରେ ଉଦ୍ୟମ ଆରମ୍ଭ କରା ନ ଗଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ନମୋ ସେନା ସମ୍ପାଦକ ପ୍ରକାଶ କରିଛନ୍ତି।


ଆନନ୍ଦପୁର ଗଡ଼ଖାଇ ଶିଆଡ଼ିମାଳିଆ।

# ଘରେ ପଶି ମହିଳାଙ୍କୁ ମରଣାନ୍ତକ ଆକ୍ରମଣ

**ଯୁବକ ଗିରଫ, ମାରଣାସ୍ତ୍ର ଜବତ**

**ବାଲେଶ୍ୱର ଅଫିସ, ୨୨।୧୧**

ବାଲେଶ୍ୱର ଜିଲା ଟାଉନ ଥାନା ଅଧୀନ ମାଣିଖମ୍ବ ଗ୍ରାମର ଜଣେ ଯୁବକ ପଡ଼ୋଶୀ ମହିଳାଙ୍କୁ ଖଣ୍ଡାରେ ମରଣାନ୍ତକ ଆକ୍ରମଣ କରିଛନ୍ତି। ଆକ୍ରମଣର ଶିକାର ହୋଇଥିବା ମହିଳାଙ୍କ ସ୍ୱାମୀ ଥାନାରେ ଅଭିଯୋଗ କରିବା ପରେ ଟାଉନ ଥାନା ପୋଲିସ ଏକ ମାମଲା (ନଂ. ୨୪୮/୨୦) ରୁଜୁ କରିଛି। ଆକ୍ରମଣକାରୀ ଯୁବକଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିବା ଆଇଆଇସି ଶୁଭ୍ରାଂଶୁ ଶେଖର ନାୟକ ସୂଚନା ଦେଇଛନ୍ତି।

ମାଣିଖମ୍ବ ଗ୍ରାମର ଅଶୋକ ମାଇତି ରାଜମିସ୍ତ୍ରୀ କାର୍ଯ୍ୟ କରନ୍ତି। ଅରଡବଜାରରେ ଏକ ପକ୍କା ଘର କାର୍ଯ୍ୟ କରିବାର ଦାୟିତ୍ୱ ନେଇଥିଲେ। କାର୍ଯ୍ୟରେ ବିଳମ୍ବ ହେବାରୁ ଘର ମାଲିକ ଅଶୋକଙ୍କୁ ଦୁଇଦିନ ପୂର୍ବରୁ ଖୋଜିବାକୁ ଆସିଥିଲେ। ହେଲେ ଦେଖା ନ ପାଇବାରୁ ନିକଟସ୍ଥ ଚନ୍ଦନ ସିଂଙ୍କ ତେଜରାତି ଦୋକାନରେ ଛିଡ଼ା ହୋଇ ଚନ୍ଦନଙ୍କ ସହିତ ସେ ସମ୍ପର୍କରେ ଆଲୋଚନା କରିଥିଲା। ଏହାକୁ ଅଶୋକଙ୍କର ପତ୍ନୀ ରାନୁ ମାଇତି (୩୫) ଜାଣି ପାରି ଚନ୍ଦନ ଘର ଲୋକଙ୍କ ସହିତ ଯୁକ୍ତିତର୍କ କରିଥିଲେ। ଚନ୍ଦନ ଏହା ଜାଣିବା ପରେ ରାଗରେ ଶନିବାର ସନ୍ଧ୍ୟାରେ ଅଶୋକଙ୍କ ଘରେ ନ ଥିବା ବେଳେ ଏକ ଖଣ୍ଡା ଧରି ରାନୁଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ରାନୁ ଗୁରୁତର ଆହତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଅଶୋକଙ୍କ ଲିଖିତ ଅଭିଯୋଗ ଅନୁଯାୟୀ ପୋଲିସ ଥାନାରେ ମାମଲା ରୁଜୁକରି ରବିବାର ଚନ୍ଦନଙ୍କୁ ଗିରଫ କରିଛି।

# ଫସଲ ପାଇଁ ମଞ୍ଚାରେ ବିତୁଛି ରାତି


ମଞ୍ଚା ଉପରେ ଲୋକେ ବସି ଫସଲ ଜଗିଛନ୍ତି।

**ପାଟଣା,୨୨।୧୧(ସ୍ୱ. ପ୍ର.)**

କେନ୍ଦୁଝର ଜିଲା ପାଟଣା ରେଞ୍ଜ୍ ଅଞ୍ଚଳରେ ଗତ ୭ ଦିନ ହେବ ୧୩ ବଣୁଆ ହାତୀପଲଙ୍କ ଉପଦ୍ରବ ଜାରି ରହିଛି। ଶନିବାର ବିଳମ୍ବିତ ରାତିରେ ଏହି ହାତୀପଲ ଖିରେଇଟାଙ୍ଗିରୀ ସେକ୍ସନ ଅଞ୍ଚଳରେ ବ୍ୟାପକ ଧାନ ଫସଲ ନଷ୍ଟ କରିବା ସହ ଅମଳ ପାଇଁ ଖଳାରେ ରଖା ଯାଇଥିବା ଶହଶହ ଧାନ ବିଡା ଖାଇଦେଇଛନ୍ତି। ଲୋକେ ହାତୀ ଦାଉରୁ ଫସଲ ରକ୍ଷା କରିବା ପାଇଁ ଗଛ ଉପରେ ମଞ୍ଚା ବାନ୍ଧି ଶୀତ ରାତିରେ ଅନିଦ୍ରା ହୋଇ ଫସଲକୁ ଜଗି ରହିଛନ୍ତି। ଏହି ହାତୀ ପଲ ଭୁଲୁଦା ଗ୍ରାମ ଝରଣ ସାହିରର ସୀତାରାମ ମାଝୀ, ରଜ ମାଝୀ ଓ ବୁଧୁରାମ ମାଝୀଙ୍କ ଧାନ ଫସଲ ନଷ୍ଟ କରିଦେଇଛନ୍ତି। କରୋନା କାଳରେ ରୋଜଗାର ହରାଇଥିବା ଗରିବ ଚାଷୀ ଋଣ କରଜ କରି ଚାଷ କରିଥିବା ଫସଲ ହାତୀପଲ ନଷ୍ଟ କରି ଦେଉଥିବାରୁ ଚାଷୀ କୁଳ ଚିନ୍ତାରେ ପଡିଛନ୍ତି। କେତେକ ଚାଷୀ ହାତୀ ଭୟରେ ତରବରିଆ ହୋଇ କଞ୍ଚା ଧାନକୁ କାଟି ଖଳାକୁ ବୋହି ଆଣୁଛନ୍ତି। ଏହି ହାତୀ ପଲ ଦିନବେଳେ ସଦର ରେଞ୍ଜ୍ ଜଡିପଦା ସଂରକ୍ଷିତ ଜଙ୍ଗଲରେ ରହୁଥିବା ବେଳେ ରାତି ହେଲେ ପାଟଣା ରେଞ୍ଜ୍‌ରେ ଆସି ଉପଦ୍ରବ କରୁଛନ୍ତି। ଯଥା ଶୀଘ୍ର ଏ ଅଞ୍ଚଳରୁ ହାତୀପଲଙ୍କୁ ଘଉଡାଇବା ସହ ବନ ବିଭାଗ କ୍ଷତିଗ୍ରସ୍ତ ଚାଷୀଙ୍କ କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# 'ତ୍ୱରାନ୍ୱିତ ହେବ ସିଭିଲ୍ ମାମଲାର ବିଚାର'


ହାଇକୋର୍ଟ ବିଚାରପତି ବିଶ୍ୱନାଥ ରଥ ନୂତନ କୋର୍ଟ ଉଦ୍‌ଘାଟନ କରୁଛନ୍ତି।

**ନୂତନ କୋର୍ଟ ଉଦ୍‌ଘାଟିତ**

**ବାରିପଦା ଅଫିସ,୨୨।୧୧**

ମୟୂରଭଞ୍ଜ ଜିଲା ବାରିପଦା ସିଭିଲ କୋର୍ଟ ପରିସରରେ ନୂତନ ଭାବେ ଦ୍ୱିତୀୟ ଅତିରିକ୍ତ ସିନିଅର ସିଭିଲ କୋର୍ଟକୁ ଶନିବାର ଓଡ଼ିଶା ହାଇକୋର୍ଟ ବିଚାରପତି ବିଶ୍ୱନାଥ ରଥ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି କୋର୍ଟ ପ୍ରତିଷ୍ଠା ହେବା ପରେ ନ୍ୟାୟିକ ପ୍ରକ୍ରିୟାକୁ ଅଧିକ କ୍ରିୟାଶୀଳ କରାଯାଇପାରିବ ଓ ଦୀର୍ଘ ଦିନ ଧରି ପଡ଼ିରହିଥିବା ସିଭିଲ୍ ମାମଲାର ବିଚାର ତ୍ୱରାନ୍ୱିତ ହେବ ବୋଲି ସୂଚନା ମିଳିଛି।

ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଓ ଦୌରାଜଜ୍ ସଞ୍ଜୟ ରଞ୍ଜନ ବହିର୍ଦ୍ଦାର, ଜିଲାପାଳ ବିନୀତ ଭରଦ୍ୱାଜ, ବିଚାରପତି ଦ୍ୱିତୀୟ ସିନିଅର ସିଭିଲ ଜଜ୍ ଦେବଶ୍ରୀ ସାହୁ, ଏସ୍‌ପି ପରମାର ସ୍ମିଥ ପୁରୁଷୋତ୍ତମ ଦାସ ଓ ବରିଷ୍ଠ ଆଇନଜୀବୀମାନେ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ବିଚାରପତିଙ୍କୁ ଗାର୍ଡ ଅଫ୍ ଅର୍ନର ସମ୍ମାନ ପୂର୍ବକ ଉତ୍ସବସ୍ଥଳକୁ ପାଛୋଟି ନିଆଯାଇଥିଲା। ପୂଜାପାଠ ପରେ ସେ ଫଳକ ଉନ୍ମୋଚନ କରିଥିଲେ। ଉଦ୍‌ଘାଟନ ପରେ କୋର୍ଟ କାର୍ଯ୍ୟ ଆରମ୍ଭ ହୋଇଥିଲା। ସିଭିଲ୍ ସୁଟ (ନଂ.୧୫୭/୧୭) ମାମଲାର ବାଦୀଙ୍କ ପକ୍ଷରୁ ଜଣେ ସାକ୍ଷୀଙ୍କର ବୟାନ ସଂଗ୍ରହ ସହ ବିଚାର ଆରମ୍ଭ ହୋଇଥିଲା।

# ଡ୍ରେନ୍ ନିର୍ମାଣ ଦାବିରେ ରାସ୍ତା ଅବରୋଧ

**ବାରିପଦା ଅଫିସ, ୨୨।୧୧**

ମୟୂରଭଞ୍ଜ ଜିଲା ଶାମାଖୁଣ୍ଟା ବ୍ଲକ ଅଧୀନ କଦୋଳବାଳିଆ ଗ୍ରାମରେ ଡ୍ରେନ ନିର୍ମାଣ ଦାବିରେ ଗ୍ରାମବାସୀ ରାସ୍ତା ଅବରୋଧ ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ରାସ୍ତାଟି ଏହି ବ୍ଲକର ମୁଖ୍ୟ ରାସ୍ତା ହୋଇଥିବା ବେଳେ ଏହା ବାରିପଦାରୁ ଲୁଲୁଙ୍ଗ ହୋଇ ଶିମିଳିପାଳକୁ ପ୍ରବେଶ ରାସ୍ତା । ରାସ୍ତାର ଦୁଇ ପାର୍ଶ୍ୱରେ ଡ୍ରେନ ନ ଥିବାରୁ ଆବର୍ଜନା ପାଣି ରାସ୍ତାରେ ଲହଡ଼ି ଭାଙ୍ଗୁଛି। ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଏନେଇ ଗ୍ରାମବାସୀ ପୂର୍ବ ବିଭାଗଯନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିବା ସତ୍ତ୍ୱେ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ଲୋକେ ଆନ୍ଦୋଳନ କରିଥିଲେ। ବାରିପଦା ସଦର ଥାନା ପୋଲିସ ଓ ପୂର୍ତ୍ତ ବିଭାଗଯନ୍ତ୍ରୀ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କ ସହିତ ଆଲୋଚନା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

# 'ଗୋପାଳନ ଦ୍ୱାରା ଦୂର ହୋଇପାରିବ ବେକାରି ସମସ୍ୟା'

**ବନ୍ତ,୨୨।୧୧(ସ୍ୱ.ପ୍ର.)**

ଭଦ୍ରକ ଜିଲା ବନ୍ତ ବ୍ଲକ ଆଡ଼ିଆ ପଞ୍ଚାୟତ କୁଆଁର୍ଦ୍ଧାଠାରେ ଜିଲାସ୍ତରୀୟ ଗୋ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆଗରପଡ଼ା ପ୍ରାଣୀ ଚିକିତ୍ସକ ଡା. ଚିତ୍ତରଞ୍ଜନ ଦାଶଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସକାଳ ୯ଟାରେ ବିଧି ଅନୁସାରେ ଗୋପାଳକ ଅଭିମନ୍ୟୁ ଆଇଚ ଓ ଶ୍ରୀନିବାସ ଜେନାଙ୍କ ଦ୍ୱରା ଗୋ ପୂଜନ କରାଯାଇଥିଲା। ପରେ ୩୦ ଚାଷୀଙ୍କ ନାମ ପଞ୍ଜିକରଣ କରାଯିବା ସହ ରାଜ୍ୟସ୍ତରୀୟ ଗୋ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମର ସିଧାପ୍ରସାରଣ ଏଲ୍‌ଇଡି ମାଧ୍ୟମରେ ପ୍ରଦର୍ଶିତ କରାଯାଇଥିଲା। ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସାଧିକାରୀ ଡା. ଚନ୍ଦ୍ରଶେଖର ରଥ ଗୋପାଳନ ଦ୍ୱାରା ଚାଷୀମାନଙ୍କର ଆର୍ଥିକ ସ୍ଥିତିରେ ସୁଧାର ଆସିବା ସହିତ ଗୋପାଳନ ଗ୍ରାମାଞ୍ଚଳର ବେକାରି ସମସ୍ୟା ଦୂର କରିବାରେ ସହାୟକ ହୋଇପାରିବ ବୋଲି ପରାମର୍ଶ ଦେଇଥିଲେ।

# ବୁଥ୍ ସ୍ତରରୁ ଦଳର ସ୍ଥିତି ସୁଦୃଢ଼ କରିବାକୁ ଗୁରୁତ୍ୱ

**ଭଦ୍ରକ ଅଫିସ,୨୨।୧୧**

ଭଦ୍ରକ ଜିଲା କଂଗ୍ରେସ କମିଟିର ସାଙ୍ଗଠନିକ ବୈଠକ ଜିଲା କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଟାଉନ କଂଗ୍ରେସର ପୂର୍ବତନ ସଭାପତି ଅବଦୁଲ ମୁକିତ୍ ଖାଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଦଳର ସାଙ୍ଗଠନିକ ସ୍ଥିତିକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଜିଲା କମିଟି ସଭାପତି ସୁବ୍ରତ କୁମାର ଦାସ ଯୋଗଦେଇ ଜିଲାର ୫ ନିର୍ବାଚନମଣ୍ଡଳୀରେ କଂଗ୍ରେସକୁ ଏକ ଶକ୍ତିଶାଳୀ ଦଳ ଭାବେ ଗଢ଼ିବାକୁ ବିଧାନସଭା ସ୍ତରୀୟ ନେତୃମଣ୍ଡଳୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ବୁଥ୍ ସ୍ତରର ନେତାଙ୍କ ସହିତ ନିର୍ବାଚନମଣ୍ଡଳୀ ନେତାମାନଙ୍କ ଯୋଗାଯୋଗ କରି ଉଭୟଙ୍କ ପରାମର୍ଶକ୍ରମେ ଦଳକୁ ମଜ୍‌ଭୁତ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ସେ ପରାମର୍ଶ ଦେଇଥିଲେ। ସମସ୍ତ ନିର୍ବାଚନମଣ୍ଡଳୀରେ ସାଙ୍ଗଠନିକ ବୈଠକ କରାଯାଇ ଏନେଇ ବିସ୍ତୃତ ଖସଡ଼ା ପ୍ରସ୍ତୁତ କରାଯାଉଛି ବୋଲି ଦାସ ସୂଚନା ଦେଇଥିଲେ। ଭଦ୍ରକ ନିର୍ବାଚନମଣ୍ଡଳୀ ନେତା ନଳିନୀକାନ୍ତ ମହାନ୍ତି, ପୂର୍ବତନ ବ୍ଲକ ସଭାପତି ପ୍ରଫୁଲ୍ଲ ସାମଲ, ପୂର୍ବତନ କାଉନସିଲର ଅସରଫ୍ ଅଲ୍ଲୀ ଖାଁ, ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ଟାଉନ ସଭାପତି ବିଜୟ ବାରିକ, ହରିହର ଯେନା, ଡା. ପ୍ରଫୁଲ୍ଲ ପାଣିଗ୍ରାହୀ, ପୀତବାସ ଧଳ, ଆଶିଷ ମହାନ୍ତି, ଅବଦୁଲ ସଲାମ ପ୍ରମୁଖ ବୈଠକରେ ଯୋଗଦାନ କରିଥିଲେ। ଭଦ୍ରକ ବିଧାନସଭାର ୩୬ ପଞ୍ଚାୟତ ଓ ପୌରପାଳିକାର ୩୦ ୱାର୍ଡର ଛାମୁଆ ନେତା ଆଲୋଚନାରେ ଭାଗ ନେଇଥିଲେ।

# ଅଦିନିଆ ବର୍ଷା, ପାଚିଲା ଧାନ ନଷ୍ଟ


ନୟାଖଣ୍ଡି ପଞ୍ଚାୟତରେ ବର୍ଷାପାଣିରୁ କଟା ଧାନକୁ ସୁରକ୍ଷିତ ସ୍ଥାନକୁ ନିଆଯାଉଛି।

**ଖଇରା, ୨୨।୧୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକରେ ଶୁକ୍ରବାର ଅପରାହ୍ନରେ ଅଦିନିଆ ବର୍ଷା ମାଡ ଯୋଗୁ ପାଚିଲା ଧାନ ନଷ୍ଟ ହୋଇଛି। ଚାଷୀଙ୍କର ବର୍ଷକର ଭାତହାଣ୍ଡି ଉଜୁଡିବା ଆଶଙ୍କା ଦେଖାଦେଇଛି । ଅମଳ ସମୟରେ ହଠାତ୍ ବର୍ଷା ୩୭ ପଞ୍ଚାୟତର ଚାଷୀଙ୍କ ମେରୁଦଣ୍ଡ ଦୋହଲାଇ ଦେଇଛି । ତୁରନ୍ତ କ୍ଷୟକ୍ଷତି ଆକଳନ କରାଯାଇ ଚାଷୀମାନଙ୍କୁ ସହାୟତା ଦେବାକୁ ଦାବି ହୋଇଛି ।

ଖଇରା ବ୍ଲକରେ ଅନ୍ୟୁନ ୧୯ହଜାର ୪ଶହ ହେକ୍ଟର ଚାଷ ଜମିରେ ଧାନ ଚାଷ କରାଯାଇଥାଏ । ଏଥିମଧ୍ୟରୁ ଅଣଜଳସେଚିତ ୧୨ହଜାର ହେକ୍ଟର ଚାଷଜମିରେ ଚାଷୀ କୃଷି ପାଇଁ ବର୍ଷାପାଣି ଉପରେ ନିର୍ଭର କରିଥାନ୍ତି । ଚଳିତବର୍ଷ କରୋନା କଟକଣା ସମୟରେ ଚାଷୀଙ୍କ ଆର୍ଥିକ ଅବସ୍ଥା ଦୟନୀୟ ଥିବା ବେଳେ ବହୁ କଷ୍ଟରେ ଧାର କରଜ କରି ଚାଷ କରିଥିଲେ । ଏବେ ଧାନ ପାଚିସାରିଥିବା ବେଳେ କୃଷକମାନେ ଧାନ କାଟିବା ଆରମ୍ଭ କରିଥିଲେ । ୨୦ଭାଗ ଜମିରେ ଧାନ କଟା ହୋଇ ପଡିରହିଥିବା ବେଳେ ଶୁକ୍ରବାର ଅପରାହ୍ନରେ ପ୍ରବଳ ବର୍ଷା ଯୋଗୁ ଧାନ କିଆରିରେ ପାଣି ଭର୍ତ୍ତି ହୋଇ ଯାଇଥିଲା । ଏଥିଯୋଗୁ ଅନ୍ୟୁନ ୫ଶହ ହେକ୍ଟର ଜମିରେ ପାଚିଲା ଧାନ ପାଣିରେ ଭାସୁଛି । ଏହି ଜମିରେ ଧାନ ଅମଳ ଆଶଙ୍କା କ୍ଷୀଣ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି ।

# ଆକ୍ସିଲ୍ ଟେକି ଚାଲୁଥିବାରୁ ଘଟୁଛି ଦୁର୍ଘଟଣା

**ଆଇନ ଫାଙ୍କି ଚାଲିଛି ଟ୍ରେଲର**

**କେନ୍ଦୁଝର, ୨୨।୧୧ (ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଦେଇ ପଶ୍ଚିମବଙ୍ଗ, ଛତିଶଗଡ, ଝାଡ଼ଖଣ୍ଡ, ବିହାର ଆଦି ରାଜ୍ୟକୁ ହଜାର ହଜାର ସଂଖ୍ୟାରେ ଲୁହାପଥର ବୋଝେଇ ଟ୍ରକ୍, ଟ୍ରେଲର ଚଳାଚଳ କରୁଛି । ଫଳରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେବା ସହ ରାସ୍ତାଘାଟ ଭାଙ୍ଗି ବିପଦପୂର୍ଣ୍ଣ ହୋଇପଡିଛି । ଦୁର୍ଘଟଣା ଘଟି ବହୁ ଧନଜୀବନ ହାନି ଘଟୁଛି । ତେବେ ବହୁ ଟ୍ରକ୍, ଟ୍ରେଲର ବେଆଇନ ଭାବେ ସମସ୍ତ ଆକ୍ସିଲ୍ ବ୍ୟବହାର ନ କରି ଚଳାଚଳ କରୁଥିବାରୁ ଏହାର ଓଜନ ରାସ୍ତା ଉପରେ ପଡୁଛି ଏବଂ ରାସ୍ତା ଭାଙ୍ଗୁଥିବା ଅଭିଯୋଗ ହେଉଛି। ପ୍ରକାଶ ଯେ, ଟ୍ରେଲରଗୁଡିକର ଲୋଡିଂ କ୍ଷମତା ସେମାନଙ୍କ ଆକ୍ସିଲ୍ (ଲାଗିଥିବା ଚକ)କୁ ନେଇ ନିର୍ଦ୍ଧାରଣ ହୋଇଥାଏ। ଯାହା ଫଳରେ ଗାଡ଼ିଟି ମାଲ୍ ପରିବହନ ବେଳେ ରାସ୍ତା ଉପରେ ଠିକ୍ ଭାବରେ ଯାତାୟାତ କରିପାରିବ ଏବଂ ରାସ୍ତା ଉପରେ ଠିକ ଲୋଡ୍ ପଡିବ। ତେବେ ଅନେକ ଗାଡ଼ି ସମସ୍ତ (ଆକ୍ସିଲ୍) ଚକ ବ୍ୟବହାର ନ କରି ଚଳାଚଳ କରୁଛନ୍ତି। ଫଳରେ ରାସ୍ତା ଉପରେ ଗାଡ଼ିର ଓଜନ ଠିକ୍ ଭାବରେ ପଡୁ ନାହିଁ। ଅଧିକ ଟାୟାର କ୍ଷତିଗ୍ରସ୍ତ ହେବା ଆଶଙ୍କାରେ ଏଭଳି ଆକ୍ସିଲ୍ ଉପରକୁ ଟେକି ଚଳାଚଳ କରୁଥିବା ଅଭିଯୋଗ ହେଉଛି । ଗୋଟିଏ ଆକ୍ସିଲ୍ ଉପରେ ପାଖାପାଖି ୧୦ ଟନ୍ ଓଜନ ନିର୍ଦ୍ଧାରଣ ହୋଇଥାଏ। ଏଣୁ ଗୋଟିଏ ବ୍ୟବହାର ନ କଲେ ଉକ୍ତ ଗାଡ଼ି ଉପରେ ପାଖାପାଖି ୩୦ ହଜାର ଟଙ୍କା ପର୍ଯ୍ୟନ୍ତ ଫାଇନ ବ୍ୟବସ୍ଥା ରହିଛି। କିନ୍ତୁ ସେସବୁ ଧରପଗଡ଼ କରାଯାଇ ସେମାନଙ୍କ ପରମିଟ୍ ବାତିଲ କରିବାକୁ ଦାବି ହେଉଛି। ଧରପଗଡ଼ ହେଲେ ସରକାର କୋଟି କୋଟି ଟଙ୍କା ଫାଇନ ଆକାରରେ ପାଇପାରିବେ ବୋଲି ମତ ପ୍ରକାଶ ପାଉଛି। ସେହିପରି ଅନେକ ଗାଡ଼ି ବିନା ଘୋଡ଼ଣୀରେ ଲୁହାପଥର ପରିବହନ କରୁଥିବାରୁ ରାସ୍ତାଘାଟ ତଥା ବାୟୁମଣ୍ଡଳ ଆଦି ବହୁ ମାତ୍ରାରେ ପ୍ରଦୂଷିତ ହେଉଛି। ଏନେଇ ଆଞ୍ଚଳିକ ପରିବହନ ଅଧିକାରୀ ନିର୍ମଳ ମହାନ୍ତି କହିଛନ୍ତି, ସମସ୍ତ ଚକ ବ୍ୟବହାର ନ କରି ମାଲ ପରିବହନ ବେଆଇନ । ଏଥିପାଇଁ ଫାଇନ ବ୍ୟବସ୍ଥା ଅଛି । ତେବେ ଟ୍ରେଲର ଚଳାଚଳକୁ ନେଇ ଉଚ୍ଚ ନ୍ୟାୟାଳୟରେ ଏକ ମାମଲା ପେଣ୍ଡିଂ ଥିବାରୁ ଆମେ ଫାଇନ ଆଦାୟ କରିପାରୁ ନାହୁଁ । ତେବେ ଏଭଳି ବେଆଇନ କାମ କେତେଦିନ ଚାଲିବ ଏବଂ ଏହା ଦ୍ୱାରା ଜିଲାର କେତେ କ୍ଷତି ହେବ ତାହାକୁ ନେଇ ପ୍ରଶାସନର ନୀରବତାକୁ ନେଇ ବିଭିନ୍ନ ସଂଗଠନ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି। ଏ ସମ୍ପର୍କରେ ଜିଲା ଓକିଲ ସଂଘ ଅନ୍ତରୀଣ କମିଟିର ସମ୍ପାଦକ ଅଶୋକ ଦାସ କହିଛନ୍ତି ଯେ, ପ୍ରଶାସନ ଏନେଇ ଦୃଢ଼ ପଦକ୍ଷେପ ଗ୍ରହଣ କରି ଏଭଳି ଗାଡି ଲୋଡିଂ ଉପରେ କଟକଣା ଲଗାଇବା ଜରୁରୀ ।



ରାସ୍ତାରେ ଏକ ଟ୍ରେଲର ଆକ୍ସିଲ୍ ଟେକି ଚାଲିଛି।

## ୩ ବାଲି ଟ୍ରାକ୍ଟର ଜବତ, ଚାଳକ ଗିରଫ

**ଭଣ୍ଡାରିପୋଖରୀ(ଡି.ଏନ.ଏ):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଓ ମଞ୍ଜୁରୀରୋଡ଼ ଫାଣ୍ଡି ପକ୍ଷରୁ ରବିବାର ବୈତରଣୀ ନଦୀର ଝୁଟଣାରୁ ୩ଟି ବେଆଇନ ବାଲି ବୋଝେଇ ଟ୍ରାକ୍ଟର ଜବତ କରାଯାଇଛି। ପୋଲିସ ଝୁଟଣାରୁ ୨ଟି ଟ୍ରାକ୍ଟର ଓ ଥଇଳ ଅଞ୍ଚଳରୁ ଏକ ବାଲି ବୋଝେଇ ଟ୍ରାକ୍ଟରକୁ ଫାଣ୍ଡି ପୋଲିସ ଜବତ କରିବା ସହ ଦୁଇଟି ମାମଲା ରୁଜୁ କରି ଡ୍ରାଇଭର ସଚିନ ଶୁଭ୍ରରଞ୍ଜନ ରାଉତଙ୍କୁ ଗିରଫ କରିଛି।

## ସଂକ୍ଷେପରେ

### ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପ୍ରସୂତି ଗୃହ ଶିଳାନ୍ୟାସ

**ବାହାନଗା, ୨୨।୧୧(ଡି.ଏନ.ଏ.):** ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ପ୍ରସୂତି ଗୃହର ଶିଳାନ୍ୟାସ ସୋର ବିଧାୟକ ପର୍ଶୁରାମ ଧଡା ଓ ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳଙ୍କ ଦ୍ୱାରା କରାଯାଇଛି। ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମାନ୍ୟତା ପାଇବା ପରେ ଏଠାରେ ସ୍ୱତନ୍ତ୍ର ଭାବେ କୌଣସି ପ୍ରସୂତି ଗୃହ ନ ଥିଲା। ରାଜ୍ୟ ସରକାର ପ୍ରସୂତି ଗୃହ ନିମନ୍ତେ ୩୩ଲକ୍ଷ ୬୩ ହଜାର ଟଙ୍କା ମଞ୍ଜୁର କରିଛନ୍ତି। ଶିଳାନ୍ୟାସ ଉତ୍ସବରେ ପୂର୍ତ୍ତ ବିଭାଗର ଏସ୍‌ଡିଓ ହରିଶ ଚନ୍ଦ୍ର ଦ୍ୱାରି, କନିଷ୍ଠଯନ୍ତ୍ରୀ ସୁଦର୍ଶନ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହିବା ସହିତ ସ୍ଥାନୀୟ ସରପଞ୍ଚ ଯୋଗେଶ ଚନ୍ଦ୍ର ପତି, ନୀଳାମ୍ବର ମହାଳିକ, ଅଜୟ କୁମାର ପଣ୍ଡା, ଅଶ୍ୱିନୀ ମହାପାତ୍ର, ବେଣୁଧର ଜେନା, ସୁର୍ଦ୍ଦଶନ ମହାପାତ୍ର, ସବିତା ଅଗସ୍ତି, ଡାକ୍ତରଙ୍କ ସମେତ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ। ଏହି ଅବସରରେ ସରପଞ୍ଚ ଯୋଗେଶ ଚନ୍ଦ୍ର ପତିଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବିଶ୍ରାମାଗାର ନିମନ୍ତେ ସ୍ୱଚ୍ଛଭାରତ ଅଭିଯାନର କୋଅର୍ଡିନେଟର ସୁଦର୍ଶନ ମହାପାତ୍ର, ଅନ୍ତର୍ଯ୍ୟାମୀ ପଣ୍ଡାଙ୍କ ସମେତ ବହୁ ବୁଦ୍ଧିଜୀବୀ ବିଧାୟକ ଓ ଏମ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

### ଯୋଗଦେଲେ ନୂଆ ତହସିଲଦାର

**କପ୍ତିପଦା,୨୨।୧୧(ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା କପ୍ତିପଦା ତହସିଲରେ ନୂତନ ତହସିଲଦାର ଭାବେ ସମରଜିତ କର ଯୋଗ ଦେଇଛନ୍ତି। ବାରିପଦାର ଡେପୁଟି ଜିଲାପାଳ ଭାବେ ସେ କାର୍ଯ୍ୟ କରୁଥିଲେ। ପୂର୍ବରୁ ତହସିଲଦାର ଥିବା ରାଧାରଞ୍ଜନ ଦାଶଙ୍କ ଶାମାଖୁଣ୍ଟା ତହସିଲ୍‌କୁ ବଦଳି ହୋଇଛି। ଏହି ଅବସରରେ ନୂତନ ତହସିଲ୍‌ଦାର୍ କରଙ୍କୁ ତହସିଲର ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ସ୍ୱାଗତ ଜଣାଇଛନ୍ତି।

### ମହତାବଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଉନ୍ମୋଚିତ

**ଭଦ୍ରକ ଅଫିସ,୨୨।୧୧:** ନବଓଡ଼ିଶାର ନିର୍ମାତା, ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ହରେକୃଷ୍ଣ ମହତାବଙ୍କ ୧୨୧ତମ ଜୟନ୍ତୀ ଅବସରରେ ଶନିବାର ତହସିଲ ରୋଡ଼ ମହତାବ ଛକରେ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି। ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଜଗନ୍ନାଥ ସ୍ୱାଇଁ, ଜିଲା ପରିଷଦ ସଦସ୍ୟ ପ୍ରଶାନ୍ତ ଦାଶ, ରାଜ୍ୟ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ରଞ୍ଜନ ଦାସ, ପ୍ରତ୍ନତତ୍ତ୍ୱ ବିଭାଗ ଅଧ୍ୟକ୍ଷ ଅଶ୍ୱିନୀ ଶତପଥୀ, ଅତିରିକ୍ତ ଜିଲାପାଳ ଅରୁଣ ମହାପାତ୍ର, ଉପଜିଲାପାଳ ପୀତାମ୍ବର ସାମଲ ପ୍ରମୁଖ ଯୋଗ ଦେଇଥିଲେ। ପୂର୍ବାହ୍ନରେ ଜିଲା ପ୍ରଶାସନ ପକ୍ଷରୁ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା। ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋଲଖ ଚନ୍ଦ୍ର ବେହେରା, ଜିଲା ସଂସ୍କୃତି ଅଧିକାରୀ ମନସ୍ୱିନୀ ରାଉତ ପ୍ରମୁଖ ମାଲ୍ୟାର୍ପଣ କରିଥିଲେ।

### ଜିଲା ଶିକ୍ଷାଧିକାରୀଙ୍କୁ କନିଷ୍ଠ ଶିକ୍ଷକଙ୍କ ଦାବିପତ୍ର

**ବାରିପଦା ଅଫିସ,୨୨।୧୧:** ନିୟମିତ ଶିକ୍ଷକ ମାନ୍ୟତା ଦାବିରେ କନିଷ୍ଠ ଶିକ୍ଷକ ସଂଘ ପକ୍ଷରୁ ମୟୂରଭଞ୍ଜ ଜିଲା ଶିକ୍ଷାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏନେଇ ସଂଘର ସଭାପତି ଦେବାଶିଷ ମହାନ୍ତଙ୍କ ଅଧ୍ୟକ୍ଷତାରେ ଜିଲା ଶିକ୍ଷକ ଭବନରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ୨୦୧୨-୧୩ରେ ନିଯୁକ୍ତି ପାଇଥିବା ୨୦୦ ଶିକ୍ଷା ସହାୟକ ଓ ୩୧୧ ବହୁଭାଷୀ(ଏମ୍‌ଏଲ୍‌ଇ) ଓ ୨୦୧୫ରେ ନିଯୁକ୍ତି ପାଇଥିବା ୪୦୦ ଶିକ୍ଷା ସହାୟକ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ପଦୋନ୍ନତି ପୂର୍ବକ ନିୟମିତ କରିବା ପାଇଁ ଦାବିପତ୍ରରେ ଉଲ୍ଲେଖ ରହିଛି। ଯଥାଶୀଘ୍ର ଉକ୍ତ ଶିକ୍ଷକମାନଙ୍କୁ ନିୟମିତ କରିବା ପାଇଁ ବ୍ଲକ୍ ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ସଭାପତି ରାଜେଶ ପୃଷ୍ଟି, ସମ୍ପାଦକ ପ୍ରବୀଣ କୁମାର ମହାନ୍ତ, କୋଷାଧ୍ୟକ୍ଷ ଅନୋଜ କୁମାର ମହାନ୍ତ, ରଣଜିତ କୁମାର ମୁଖାର୍ଜୀ, ରାଜେନ୍ଦ୍ର କୁମାର ନାଏକ, ମୁନାରାମ ସିଂ, ଲଳିତ ନାରାୟଣ ମହାନ୍ତ, ସୁଦୀପ୍ତ ରଞ୍ଜନ ପାଲଟାଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଝୁଲିରହିଛି ଆୟୁର୍ବେଦ କଲେଜର ଭାଗ୍ୟ

**ବାରିପଦା ଅଫିସ,୨୨।୧୧**

ପ୍ରଶାସନ ଓ ରାଜନୈତିକ ନେତାଙ୍କର ଇଚ୍ଛାଶକ୍ତି ଅଭାବରୁ ମୟୂରଭଞ୍ଜ ଜିଲା ଆୟୁର୍ବେଦ କଲେଜ ଭୂତକୋଠିରେ ପରିଣତ ହୋଇଛି। ୮ବର୍ଷ ପୂର୍ବେ କଲେଜ କାର୍ଯ୍ୟକ୍ଷମ ନେଇ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ତାହା ଅଦ୍ୟାବଧି କାର୍ଯ୍ୟକାରୀ ହୋଇପାରିନାହିଁ। ତଥାପି ଆଶା ଛାଡ଼ିନାହାନ୍ତି କଲେଜର ସମସ୍ତ କର୍ମଚାରୀ। କେନ୍ଦ୍ର ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ନୋଟିସ କ୍ରମେ ୨୦୦୮ରୁ ଏଠାରେ ନାମଲେଖା ବନ୍ଦ ରହିଛି। ପାରମ୍ପରିକ ଆୟୁର୍ବେଦ ଚିକିତ୍ସା ବିଜ୍ଞାନର ବିକାଶ ପାଇଁ କେନ୍ଦ୍ର ସରକାର କୋଟି କୋଟି ଟଙ୍କା ସହାୟତା ଯୋଗାଇ ଦେଉଥିବା ବେଳେ ଝୁଲି ରହିଛି ଏହି ଆୟୁର୍ବେଦ କଲେଜର ଭାଗ୍ୟ।

ଶିମିଳିପାଳ ଜୈବମଣ୍ଡଳରେ ଔଷଧୀୟ ବୃକ୍ଷଲତା ଭରପୂର ରହିଛି। ଏହାକୁ ଦୃଷ୍ଟିରେ ରଖି ଜିଲାବାସୀଙ୍କ ପ୍ରଚେଷ୍ଟାରେ ଗଢ଼ି ଉଠିଥିଲା ଆୟୁର୍ବେଦ ମହାବିଦ୍ୟାଳୟ। ୧୯୮୩ରେ ସ୍ଥାପିତ ଏହି କଲେଜରେ ରହିଛି ୩୦ଟି ସିଟ୍। ଓଡ଼ିଶା ସମେତ ପଡ଼ୋଶୀ ରାଜ୍ୟରୁ ଛାତ୍ରୀଛାତ୍ରମାନେ ଏହି ଅନୁଷ୍ଠାନରୁ ଶିକ୍ଷାଗ୍ରହଣ କରି ଅଦ୍ୟାବଧି ୬ଶହରୁ ଊର୍ଦ୍ଧ୍ୱ ଆୟୁଷ ଡାକ୍ତର ରୋଗୀ ଚିକିତ୍ସା ଚଳାଇଛନ୍ତି।



କଲେଜର ପର୍ଯ୍ୟାପ୍ତ ପରିମାଣର ଭିତ୍ତିଭୂମି ଥିବା ସତ୍ତ୍ୱେ ପ୍ରଶାସନର ଅବହେଳା ପାଇଁ ଲଟାବୁଦା ମାଡ଼ିଯାଇ ଶ୍ରୀହୀନ ଅବସ୍ଥାରେ ରହିଛି। ଆୟୁର୍ବେଦ ମହାବିଦ୍ୟାଳୟର ଶିକ୍ଷା ସର୍ତ୍ତାବଳୀ ଅନୁଯାୟୀ କେନ୍ଦ୍ରୀୟ ଆୟୁର୍ବେଦ ପରିଷଦ (ସିସିଆଇଏମ୍) ଆବଶ୍ୟକ ଅଧ୍ୟାପକ ନିଯୁକ୍ତି ପାଇଁ ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ଚିଠି ନଂ.୧୭୦୧୧/୨୦୦୮ରେ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ପରିଚାଳନା କମିଟିରେ ମୟୂରଭଞ୍ଜ ଜିଲାପାଳ ସଭାପତି ଭାବେ ରହି ପରିଚାଳନା ଦାୟିତ୍ୱ ନିର୍ବାହ କରୁଥିବା ବେଳେ ତତ୍କାଳୀନ ଜିଲାପାଳ ଏଥିପ୍ରତି ଗୁରୁତ୍ୱ ଦେଇ ନ ଥିଲେ। ଫଳରେ ୨୦୦୮ଶିକ୍ଷାବର୍ଷ ଠାରୁ ଛାତ୍ରୀଛାତ୍ର ଗ୍ରହଣ କରିବା ପାଇଁ ପରିଷଦ ପକ୍ଷରୁ ଅନୁମତି ବନ୍ଦ ରହିଛି। ଏଭଳି ପରିସ୍ଥିତିରେ କଲେଜକୁ ସରକାରୀ ମାନ୍ୟତା ପାଇଁ ମୁଖ୍ୟମନ୍ତ୍ରୀ ୨୦୧୩ ଓ ୨୦୧୯ ମସିହା ସାଧାରଣ ସଭାରେ ପ୍ରତିଶ୍ରୁତି ଦେଇଥିଲେ। ଲକ୍ଷ ଲକ୍ଷ ଜନସାଧାରଣଙ୍କୁ ଆଶାବିଶ୍ୱାସ ଯୋଗାଇ ଦେବା ପରେ ଅଦ୍ୟାବଧି କଲେଜ ଭବିଷ୍ୟତକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ କଲେଜ ଅଧ୍ୟକ୍ଷ ଡା. ଆଦିତ୍ୟ କୁମାର ପଣ୍ଡା କୁହନ୍ତି, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଉକ୍ତ କଲେଜକୁ ସରକାରୀ ମାନ୍ୟତା ପ୍ରଦାନ ନିମନ୍ତେ ଅର୍ଥବିଭାଗର ସମ୍ମତି ପାଇଁ ୨୦୦୯ରୁ ୨୦୧୬ମଧ୍ୟରେ ୯ଥର ଫାଇଲ ଯାଇଥିଲେ ସୁଦ୍ଧା ଭିତ୍ତିହୀନ କାରଣ ଦର୍ଶାଇ ଅର୍ଥବିଭାଗ ତାହାକୁ ଫେରାଇ ଦେଉଛି। କିନ୍ତୁ ୨୦୧୭ରେ ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ସ୍ୱାସ୍ଥ୍ୟ ସଚିବ, ଅର୍ଥ ସଚିବ, ଉଚ୍ଚଶିକ୍ଷା ସଚିବ, ତତ୍କାଳୀନ ଜିଲାପାଳ, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ତତ୍କାଳୀନ କୁଳପତିଙ୍କୁ ନେଇ ଏକ ଉଚ୍ଚସ୍ତରୀୟ ବୈଠକରେ ଉକ୍ତ କଲେଜକୁ ପୁନଃ ପ୍ରଚଳନ ନିମନ୍ତେ ନିଷ୍ପତ୍ତି କରାଯାଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇପାରିନାହିଁ। ମୟୂରଭଞ୍ଜ ଜିଲାର ପ୍ରାକ୍ତନ ଓ ବର୍ତ୍ତମାନର ବିଧାୟକମାନେ ଆୟୁର୍ବେଦ କଲେଜର ସରକାରୀ ମାନ୍ୟତା ସମ୍ପର୍କରେ ବିଧାନସଭାରେ ଉଠାଇଥିବା ପ୍ରଶ୍ନର ଉତ୍ତରରେ ସରକାରଙ୍କ ପକ୍ଷରୁ ବିଚାରାଧୀନ ରହିଛି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ବାରମ୍ବାର ଜଣାଉଛନ୍ତି। କଲେଜ ଅଧ୍ୟାପକ ଡା. ପୁରୁଷୋତ୍ତମ ନାଥ କୁହନ୍ତି, କମ୍ ଦରମାରେ ଶିକ୍ଷାଦାନ କରିଆସିଛି। ସରକାରଙ୍କ ପ୍ରତିଶ୍ରୁତିକୁ ନେଇ ଆମେ ଆଶାନୁରୂପ ଫଳାଫଳ ପାଇପାରୁନାହୁଁ। ଫଳରେ କଲେଜ ସହିତ କର୍ମଚାରୀଙ୍କ ଭବିଷ୍ୟତ ଅନ୍ଧକାରମୟ ହୋଇପଡ଼ିଛି। ସେହିପରି ପୂର୍ବତନ ଛାତ୍ର ତଥା ଅଧ୍ୟାପକ ଡା.ଉତ୍ତମ ଦେ କୁହନ୍ତି, କଲେଜ ନିଜସ୍ୱ ପାଣ୍ଠିରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ଭିତ୍ତିଭୂମି ନିର୍ମାଣ କରାଯାଇଛି। ଆବଶ୍ୟକ ପାଠ୍ୟକ୍ରମ ସହିତ ଅତ୍ୟାଧୁନିକ ଯନ୍ତ୍ରପାତିରେ ଭରପୂର ଥିବା ଦୀର୍ଘ ୩୭ବର୍ଷର ଅନୁଷ୍ଠାନ ସମ୍ପୂର୍ଣ୍ଣ ବନ୍ଦ ହୋଇରହିଛି। ଆୟୁର୍ବେଦ କଲେଜକୁ ପୁନରୁଦ୍ଧାର କରି ପୂର୍ବବତ ପ୍ରଚଳନ କରାଗଲେ ରାଜ୍ୟର ଛାତ୍ରୀଛାତ୍ରମାନେ ବେଶ୍ ଉପକୃତ ହୋଇପାରିବା ସହିତ କଲେଜ ଡାକ୍ତରଖାନାରୁ ଗରିବ ଜନସାଧାରଣ ବିନା ମୂଲ୍ୟରେ ପାରମ୍ପରିକ ଚିକିତ୍ସା ପାଇପାରନ୍ତେ ବୋଲି ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

# ବୁଦ୍ଧ ମୂର୍ତ୍ତି ଉଦ୍ଧାର



ଷୋଳମପୁର ଗ୍ରାମରୁ ଉଦ୍ଧାର ହୋଇଥିବା ବୁଦ୍ଧ ମୂର୍ତ୍ତି।

**ଭଣ୍ଡାରିପୋଖରୀ, ୨୨।୧୧(ଡି.ଏନ.ଏ.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ଷୋଳମପୁର ବୌଦ୍ଧବିହାର ପାଖାପାଖି ଗ୍ରାମର ଚଉରା ମୂଳ, ବାଡ଼ିବଗିଚାରୁ ବିକ୍ଷିପ୍ତ ଭାବେ ପୋତି ହୋଇ ରହିଥିବା ବୁଦ୍ଧ ମୂର୍ତ୍ତି କୌଣସି କାମରେ ଖୋଳାଖୋଳି କଲେ ଉଦ୍ଧାର କରୁଛନ୍ତି ଗ୍ରାମବାସୀ। ଶୁକ୍ରବାର ଷୋଳମପୁର ଗ୍ରାମର ମହେନ୍ଦ୍ର ଜେନାଙ୍କ ଘର ସମ୍ମୁଖ ଚଉରା ମୂଳରୁ ପୋତି ହୋଇ ରହିଥିବା ଏକ ଧ୍ୟାନସ୍ଥ ବୁଦ୍ଧ ମୂର୍ତ୍ତି ଉଦ୍ଧାର କରାଯାଇଛି। ସ୍ଥାନୀୟ ସଂଗ୍ରହାଳୟରେ ଏହାକୁ ସୁରକ୍ଷିତ ଭାବେ ରଖାଯାଇଛି। ସୂଚନା ଥାଉକି, ଷୋଳମପୁର ସମେତ ଆଖପାଖ ଅଞ୍ଚଳରେ ଲୋକଙ୍କ ଘରବାଡ଼ି, ଗୁହାଳ, ପଡ଼ିଆ, ଦାଣ୍ଡ ଆଦି ସ୍ଥାନରେ ବିକ୍ଷିପ୍ତ ଭାବେ ବୁଦ୍ଧ ମୂର୍ତ୍ତି ପୋତି ହୋଇରହିଛି। ଏହାର ପୁନରୁଦ୍ଧାର ପାଇଁ ସରକାରଙ୍କ ନିକଟରେ ବାରମ୍ବାର ଦାବି ହୋଇ ଆସୁଥିଲେ ମଧ୍ୟ ଏଯାଏ କୌଣସି ପଦକ୍ଷେପ ନିଆଯାଇ ପାରିନାହିଁ। ସଂସ୍କୃତି ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଗବେଷକ ବିଶ୍ୱମ୍ବର ରାଉତ ଦାବି କରିଛନ୍ତି।

# କଟକଣାରେ ପାଳନ ହେବ ଉର୍ସ ଉତ୍ସବ



ପ୍ରସ୍ତୁତି ବୈଠକରେ ଯୋଗ ଦେଇଥିବା ପ୍ରଶାସନିକ ଅଧିକାରୀ।

**ଭଦ୍ରକ ଅଫିସ,୨୨।୧୧**

ଭଦ୍ରକ ଜିଲା ଧାମନଗରସ୍ଥିତ ପୀରବାବା ମୁଜାହିଦ୍ ମିଲତ ହବିବୁର ରହେମାନ ଖାନ୍‌ଙ୍କ ୪୧ତମ ଉର୍ସ ଉତ୍ସବ ଚଳିତବର୍ଷ କୋଭିଡ୍ କଟକଣା ମଧ୍ୟରେ ପାଳନ କରାଯିବ। ଆସନ୍ତା ଡିସେମ୍ବର ୨୧ରେ ହେବାକୁ ଥିବା ଏହି ଉତ୍ସବରେ ଚାଦର ଶୋଭାଯାତ୍ରା, ଦୋକାନ ବଜାର, ଆଲୋକ ସଜ୍ଜା, ତୋରଣ ନିର୍ମାଣ ଆଦି ଉପରେ କଟକଣା ଜାରି କରାଯାଇଛି। ପୀରବାବା ଆସ୍ଥାନକୁ କେବଳ ୭ ଜଣ ଶ୍ରଦ୍ଧାଳୁ ଯାଇ ରୀତିନୀତି ଅନୁଯାୟୀ ପୂଜାପାଠ, ନମାଜ ଆଦି କାର୍ଯ୍ୟ ସମ୍ପନ୍ନ କରିବେ। ମାଇକ୍ ବଜାଇବା ଉପରେ କଟକଣା ଜାରି ହୋଇଛି। ଭକ୍ତମାନେ ନିଜ ଘରେ ରହି ନମାଜ ପାଠ କରିବାକୁ ଉର୍ସ ପ୍ରସ୍ତୁତି ବୈଠକରେ କୁହାଯାଇଛି।

ଜିଲାପାଳ ଡ. ଜ୍ଞାନ ରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଧାମନଗର ଉର୍ସ କମିଟିର ସଦସ୍ୟମାନେ ଯୋଗଦେଇ ସବିଶେଷ ଆଲୋଚନା କରିଥିଲେ। ଭକ୍ତମାନେ ଘରେ ରହି ପୀରବାବାଙ୍କୁ ଅନ୍‌ଲାଇନ ମାଧ୍ୟମରେ କିପରି ଦର୍ଶନ କରିପାରିବେ ସେନେଇ କମିଟି ପକ୍ଷରୁ ବନ୍ଦୋବସ୍ତ କରାଯିବାକୁ କୁହାଯାଇଛି। ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର, ଅତିରିକ୍ତ ଏସ୍‌ପି ବିକାଶ ଦାଶ, ଉର୍ସ କମିଟିର ସଦସ୍ୟ, ପୋଲିସ ଅଧିକାରୀ, ଧାମନଗର ତହସିଲଦାର ଓ ଏନ୍‌ଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ଯୋଗ ଦେଇଥିଲେ।

# ରଘୁନାଥପୁର କ୍ରିକେଟ୍ ଟିମ୍ ବିଜୟୀ



ବିଜୟୀ ଟିମ୍‌କୁ ପୁରସ୍କୃତ କରାଯାଉଛି।

**ପଦ୍ମପୁର,୨୨।୧୧(ଡି.ଏନ.ଏ.)**

ଭଦ୍ରକ ବ୍ଲକ ଏରଡ଼ା ପଞ୍ଚାୟତ ବାଳକମୁନୀ ଖେଳପଡ଼ିଆରେ ଅନୁଷ୍ଠିତ କ୍ରିକେଟ ଟୁର୍ନାମେଣ୍ଟରେ ବାଲିଖଣ୍ଡ ରଘୁନାଥପୁର କ୍ରିକେଟ୍ ଟିମ୍ ବିଜୟୀ ହୋଇଛି। ୫ ଦିନ ଧରି ଚାଲିଥିବା ଏହି ଟୁର୍ନାମେଣ୍ଟରେ ୮ଟି ଟିମ୍ ଭାଗ ନେଇଥିଲେ। ରବିବାର ରଘୁନାଥପୁର କ୍ରିକେଟ ଟିମ୍ ଓ ଅରେଞ୍ଜ ଆର୍ମି କ୍ରିକେଟ ଟିମ୍ ଏରଡ଼ା ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ରଘୁନାଥପୁର ଟିମ୍ ବିଜୟୀ ହୋଇଥିବା ବେଳେ ଅରେଞ୍ଜ ଆର୍ମି କ୍ରିକେଟ ଟିମ୍ ରନର୍ସଅପ୍ ହୋଇଛି। ମୁଖ୍ୟଅତିଥି ଭାବେ ସରପଞ୍ଚ ହରିହର ନାୟକ ଓ ଅନ୍ୟତମ ଅତିଥି ଭାବେ ପୂର୍ବତନ ସରପଞ୍ଚ ଉତ୍ତମ କୁମାର ପାତ୍ର ଯୋଗଦେଇ ବିଜୟୀ ଟିମ୍‌କୁ ୫ ହଜାର ନଗଦ ରାଶି ସହ ଟ୍ରଫି ଓ ରନର୍ସଅପ୍ ଟିମ୍‌କୁ ୩ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ବାଳକମୁନୀର କର୍ମକର୍ତ୍ତା ରାଜେଶ ମହାନ୍ତି, ଗୌରବ ପାତ୍ର, ଶିଶିର ମହାନ୍ତି, ଅଶୋକ ପାତ୍ର, ଦିଲୀପ ମହାନ୍ତି ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ।

# ୩ ଷଣ୍ଢ ଉପରେ ମାଡିଗଲା ଟ୍ରକ

## ୭ଘଣ୍ଟା ଗାଡି ଚଳାଚଳ ବନ୍ଦ

**ସୋର, ୨୨।୧୧(ଡି.ଏନ.ଏ.)**

ରବିବାର ଭୋର୍ ସମୟରେ ସୋର-ଗୋପୀନାଥପୁର ରାସ୍ତା ଆଙ୍ଗୁଳା ଛକରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଗୋଷ୍ଠାଷ୍ଟମୀରେ ରାସ୍ତା ପାର୍ଶ୍ୱରେ ବିଶ୍ରାମ ନେଉଥିବା ୩ ଷଣ୍ଢ ଉପରେ ଏକ ପଥର ବୋଝେଇ ଟ୍ରକ ବେପରୁଆ ଭାବେ ମାଡିଯାଇଥିଲା। ରାସ୍ତା ଉପରେ ଛଟପଟ ହୋଇ ଷଣ୍ଢମାନଙ୍କର ମୃତ୍ୟୁ ଘଟିଛି। ଫଳରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏହି ସମୟରେ ରାସ୍ତାରେ ଚଳାଚଳ କରୁଥିବା ସମସ୍ତ ଟ୍ରକକୁ ଅଟକ ରଖାଯାଇଥିଲା। ଖବର ପାଇ ସୋର ଅତିରିକ୍ତ ତହସିଲଦାର ଲିପ୍‌ସା ରାୟ, ସୋର ଥାନା ଏସ୍‌ଆଇ ସଚ୍ଚିଦାନନ୍ଦ ଗିରି ଏବଂ ଟ୍ରକ ମାଲିକ ସଂଘର କର୍ମକର୍ତ୍ତାମାନେ ସେଠାରେ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିଥିଲେ। ଲୋକମାନଙ୍କ ଦାବି ଅନୁସାରେ ବାଗୁଡ଼ିଠାରୁ ଚମ୍ପୋଛକ ପର୍ଯ୍ୟନ୍ତ ରାସ୍ତାରେ ସିସିଟିଭି ଲଗାଯିବା ଏବଂ ହମ୍ପସ୍ ନିର୍ମାଣ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଶେଷରେ ଟ୍ରକ ମାଲିକ ସଂଘ ତରଫରୁ ସଭାପତି ସ୍ମୃତିରଞ୍ଜନ ମହାନ୍ତି, ଉପସଭାପତି ଦୟାନିଧି ଜେନା, ସମ୍ପାଦକ ଶ୍ରୀଧର ଦେ, ଅମର ଜେନା ଓ ବସନ୍ତ ନାୟକ ପ୍ରମୁଖ ଉପସ୍ଥିତ ରହି ଷଣ୍ଢମାନଙ୍କର ଅନ୍ତିମ ସତ୍କାର କରିବା ସହିତ ମନ୍ଦିରରେ ପୂଜାର୍ଚ୍ଚନା ପାଇଁ ଗ୍ରାମବାସୀଙ୍କୁ ଅର୍ଥପ୍ରଦାନ କରିଥିଲେ। ଅପରାହ୍ନ ୧ଟା ବେଳେ ଟ୍ରକ ଚଳାଚଳ ସ୍ୱାଭାବିକ ହୋଇଥିଲା।

# ଜିଲା ଦକ୍ଷତା କମିଟି ବୈଠକ

**ବାଲେଶ୍ୱର ଅଫିସ, ୨୨।୧୧**

ବାଲେଶ୍ୱରସ୍ଥିତ ସଦ୍‌ଭାବନା ସଭାଗୃହରେ ଜିଲା ଦକ୍ଷତା କମିଟିର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନୂତନ ଭାବେ ଗଠିତ ହୋଇଥିବା ଜିଲା ଦକ୍ଷତା କମିଟିର ଆଭିମୁଖ୍ୟ ଏବଂ କାର୍ଯ୍ୟଧାରା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଜିଲାର ଯୁବତୀଯୁବକମାନଙ୍କର କେଉଁ କ୍ଷେତ୍ରରେ ଦକ୍ଷତାର ଅଭାବ ରହିଛି ତାହାର ଆକଳନ କରିବା ପାଇଁ ଜିଲାପାଳ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲା ନିୟୋଜନ ଅଧିକାରୀ ନିମାଇଁ ଚରଣ ମହାନ୍ତି ଜିଲାରେ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମ ଓ ଆଗାମୀ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ତାଙ୍କୁ ଜିଲା ଦକ୍ଷତା ବିକାଶ ସଂଯୋଜିକା ଭାରତୀ ମହାପାତ୍ର ସହଯୋଗ କରିଥିଲେ। ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ସାହୁ, ଜିଲା ଶିଳ୍ପ କେନ୍ଦ୍ରର ଜେନେରାଲ ମ୍ୟାନେଜର ଏସ.ଏନ.ପଟ୍ଟନାୟକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଗୋଶାଳାରେ ଗୋଷ୍ଠାଷ୍ଟମୀ ଉତ୍ସବ

**ସିମୁଳିଆ, ୨୨।୧୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ମଇତାପୁରରେ ପ୍ରତିଷ୍ଠିତ ରୁଦ୍ରାଶ୍ରମ ଗୋଶାଳା ପରିସରରେ ରବିବାର ଗୋ-ମାତାଙ୍କ ଉଦ୍ଦେଶ୍ୟରେ 'ଗୋଷ୍ଠାଷ୍ଟମୀ' ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ବିଶ୍ୱହିନ୍ଦୁ ପରିଷଦର ରାଷ୍ଟ୍ରୀୟ ହିନ୍ଦୁ ସ୍ୱାଭିମାନର ସଭାପତି ତଥା ଗୋଶାଳାର ମୁଖ୍ୟ ପରିଚାଳକ ରଞ୍ଜନ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଭଦ୍ରକ ଶ୍ରୀ ଚୈତନ୍ୟ ଆଶ୍ରମର ମୁଖ୍ୟ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଉତ୍ସବ ପରିଚାଳନା କରିଥିଲେ। ବିଭିନ୍ନ ସାଧୁସନ୍ଥଙ୍କ ମଧ୍ୟରେ ଦେବବ୍ରତ ଦାସ ବ୍ରହ୍ମଚାରୀ, ସ୍ୱାମୀ ଉଦୟାନନ୍ଦ ପର୍ବତ, ହୃଷିକେଶ ଦାସ ମହାରାଜ, ନୀଳମଣିଦାସ ମହାରାଜ, ଗାୟତ୍ରୀ ପରିବାରର କେଦାର ମହାପାତ୍ର, ବାଲେଶ୍ୱର ରାଷ୍ଟ୍ରୀୟ ସ୍ୱୟଂ ସେବକ ଜିଲା ପ୍ରଚାରକ ଅନନ୍ତ ଦାସ, ଭଦ୍ରକ ଜିଲା ପ୍ରଚାରକ କାହ୍ନୁ ସିଂ, ଗୋଶାଳା ଭୂମିଦାତା ମନମୋହନ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ସନ୍ଧ୍ୟାରେ ଗୋ-ପୂଜନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଭଦ୍ରକ, ବାଲେଶ୍ୱର, ଯାଜପୁର ଅଞ୍ଚଳର ବିଭିନ୍ନ ସାଧୁ ସନ୍ଥ ଓ ଭକ୍ତ ଯୋଗଦେଇଥିଲେ।

# ଖଇରା ଅଞ୍ଚଳରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ



ଖବରଦାତା ସମ୍ମିଳନୀରେ ଭାଜପା ନେତା ପଦ୍ମଲୋଚନ ପଣ୍ଡା ଓ ଅନ୍ୟମାନେ।

## ପ୍ରତିବାଦରେ ୩୦ରେ ଭାଜପାର ଗଣଧାରଣା

**ଖଇରା,୨୨।୧୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ଥାନା ଅଞ୍ଚଳରେ ଆଇନଶୃଙ୍ଖଳା ବ୍ୟବସ୍ଥା ସ୍ଥାଣୁ ପାଲଟିଛି। ଏହାର ପ୍ରତିବାଦ କରି ଆସନ୍ତା ୩୦ରେ ଭାଜପା ପକ୍ଷରୁ ଗଣଧାରଣା ଦିଆଯିବ ବୋଲି ପୂର୍ବତନ ମନ୍ତ୍ରୀ ତଥା ଭାଜପା ନେତା ପଦ୍ମଲୋଚନ ପଣ୍ଡା ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସେ ଅଭିଯୋଗ କରିଛନ୍ତିଯେ, କୌଣସିସ୍ଥାନରେ ଗଣ୍ଡଗୋଳ ହେଲେ ଆକ୍ରମଣର ଶିକାର ହୋଇଥିବା ବ୍ୟକ୍ତିଙ୍କ ବିରୋଧରେ ମାମଲା ରୁଜୁ କରାଯାଉଛି। ହରିପୁର ପଞ୍ଚାୟତର ଦୋମୁହାଁଣି ଓ କଇଥଗଡିଆ ପଞ୍ଚାୟତର ପାତ୍ରଖୁଣ୍ଟା ହାଟରେ ଜୁଆ ଖେଳ ଚାଲୁଛି। ୧୪୪ଧାରା ଲାଗୁଥିବା ଶାରୀଗୁଆ ପାହାଡ ଖଣି ଅଞ୍ଚଳରୁ ପ୍ରତ୍ୟେକ ଦିନ ହଜାର ହଜାର ଟ୍ରିପ ମାଙ୍କଡା ମେଟାଲ, ଚିପ୍ସ, ପାହାଡ ମାଟି ଚାଲାଣ ହେଉଛି। ଉକ୍ତ ସମ୍ମିଳନୀରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିରଞ୍ଜନ ବେହେରା, ଖଇରା ମଣ୍ଡଳ ସଭାପତି ରାଜେଶ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଆଇଆଇସି ସୁବ୍ରତ ବେହେରା କହିଛନ୍ତି ଯେ, ପ୍ରତ୍ୟେକ ମାମଲାରେ ନିରପେକ୍ଷତା ଅବଲମ୍ବନ କରାଯାଉଛି।

# ପିଡିଏସ୍ ଚାଉଳ ଜବତ ଘଟଣା: କାର୍ଯ୍ୟାନୁଷ୍ଠାନ ଦାବି

**ଭଣ୍ଡାରିପୋଖରୀ, ୨୨।୧୧(ଡି.ଏନ.ଏ)**



ଖବରଦାତା ସମ୍ମିଳନୀରେ ଉପସ୍ଥିତ ସରପଞ୍ଚମାନେ।

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ତେସିଙ୍ଗା ପଞ୍ଚାୟତ ଗୋଦାମ ନିକଟରୁ ଗୁରୁବାର ବେଆଇନ ପିଡିଏସ୍ ଚାଉଳ ବୋଝେଇ ଟ୍ରକ ସ୍ଥାନୀୟ ଲୋକଙ୍କ ହାତରେ ଧରାପଡ଼ିଥିଲା। ଏହା ବିରୋଧରେ ଭଣ୍ଡାରିପୋଖରୀ ଥାନାରେ ମାମଲା (ନଂ.୨୩୬/୨୦) ରୁଜୁ ହୋଇଥିବା ବେଳେ ଗାଡ଼ି ଡ୍ରାଇଭରଙ୍କୁ କୋର୍ଟ ଚାଲାଣ କରାଯାଇଛି। କିନ୍ତୁ ବିଭାଗ କୌଣସି ପଦକ୍ଷେପ ନ ନେଇ ଚୁପ୍ ହୋଇ ବସି ରହିଥିବା ଏବଂ ଡିଲର ଓ ଚାଉଳ ଯୋଗାଉଥିବା ଠିକାଦାରଙ୍କ ବିରୋଧରେ ଏଯାଏ କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବା ଦକ୍ଷିଣବାଡ଼ ପଞ୍ଚାୟତ କାର୍ଯ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଅଭିଯୋଗ ହୋଇଛି। ଦକ୍ଷିଣବାଡ଼ ସରପଞ୍ଚ ବିଜୟ ଶଙ୍କର ମହାନ୍ତି, ବୟାବନାପୁର ସରପଞ୍ଚ ପ୍ରଶାନ୍ତ ସାହୁ, ରଣଜିତ ସରପଞ୍ଚ ମନୋଜ ନାୟକ, ନଗୁଆଁ ସମବାୟ ସମିତିର ପୂର୍ବତନ ସଭାପତି ରମେଶ ଭାରତୀ ପ୍ରମୁଖ ଏଭଳି ଅଭିଯୋଗ ଆଣିବା ସହ ସମ୍ପୃକ୍ତ ପରିବହନ ଠିକାଦାର ଓ ଡିଲରଙ୍କୁ ତୁରନ୍ତ ଗିରଫ କରାଯାଉ ବୋଲି ଦାବି କରିଛନ୍ତି।

ଅଭିଯୋଗ ଅନୁଯାୟୀ, ସମ୍ପୃକ୍ତ ଡିଲରଙ୍କ ପାଖକୁ ୨୦ କୁଇଣ୍ଟାଲ ଚାଉଳ ଟ୍ରାନଜିଟ୍ ପରମିଟ ଟ୍ରକ୍ ଚାଳକଙ୍କ ପାଖରେ ଥିଲା। ୧୯ ତାରିଖ ଗେଟ୍‌ପାସ୍ ଓ ଏସିନୋଟ୍ ଅନୁଯାୟୀ ମାତ୍ର ୨୦ କୁଇଣ୍ଟାଲ ଚାଉଳ ଡିଲରଙ୍କ କୋଡ୍‌ରେ ପରିବହନ ପାଇଁ ପରମିଟ୍ ଥିଲା। ତେବେ ଆବଶ୍ୟକ ଚାଲାଣ ନ ଥିବାରୁ ସ୍ଥାନୀୟ ଲୋକେ ୭୦ କୁଇଣ୍ଟାଲ ଚାଉଳ ଥିବା ଟ୍ରକକୁ ଅଟକାଇଥିଲେ। ଯୋଗାଣ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିଥିଲେ। କୁଳଣା ବଜାର ଡିପୋ ଓ ପଞ୍ଚାୟତ ଗୋଦାମରେ ୨୦ କୁଇଣ୍ଟାଲ ପରମିଟ୍ ଥାଇ ୬୦ କୁଇଣ୍ଟାଲ ଚାଉଳ ଅନଲୋଡ୍ ଅଧିକାରୀଙ୍କ ଉପସ୍ଥିତିରେ କିପରି କରାଗଲା ବୋଲି ପ୍ରଶ୍ନ ଉଠିଛି। ଏପରିକି କୁଳଣା ଡିପୋରେ ଏହି ଚାଉଳ ଅନଲୋଡ୍ ପୂର୍ବରୁ ଚାଉଳ ନ ଥିବା ବେଳେ ପଞ୍ଚାୟତ ଗୋଦାମରେ ୨୧ ବସ୍ତା ଚାଉଳ ଥିବା ଅଧିକାରୀମାନେ ତନଖି ବେଳେ ଦେଖିଥିଲେ। ତେବେ ପୋଲିସ ପହଞ୍ଚି ଅନ୍‌ଲୋଡ ହୋଇପାରି ନ ଥିବା ବିନା କାଗଜପତ୍ରରେ ଥିବା ୧୦ କୁଇଣ୍ଟାଲ ଚାଉଳ ଟ୍ରକକୁ ଥାନାକୁ ନେଇଥିଲା। ଏହାପରେ ଯୋଗାଣ ବିଭାଗ ପକ୍ଷରୁ କେବଳ ୧୦ କୁଇଣ୍ଟାଲ ଚାଉଳ ସମ୍ପର୍କରେ ଥାନାରେ ଅଭିଯୋଗ ହୋଇଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି।

